# <u>ପ୍ରେସ ବିଜ୍ଞପ୍ତି</u>

## ଓଡିଶା ରାଜ୍ୟ ସିଟି ଏବଂ ଜିଏସଟି ଏନଫୋର୍ସମେଣ୍ଟ ଶାଖା ତରଫରୁ ସାତ ଗୋଟି ରାଇସ ବ୍ରାନ ତେଲ ଉତ୍ପାଦନକାରୀ ସଂସ୍ଥା ଉପରେ ଏକକାଳୀନ ଚଢାଉ

ଓଡିଶା ରାଜ୍ୟ ସିଟି ଏବଂ ଜିଏସଟି ଏନଫୋର୍ସମେଣ୍ଟ ଶାଖା ପାଖରେ ବିଭିନ୍ନ ରାଇସ ବ୍ରାନ ତେଲ ଉତ୍ପାଦନକାରୀ ସଂସ୍ଥା ବିରୁଦ୍ଧରେ ଟିକସ ଫାଙ୍କିର ଅଭିଯୋଗ ବାରମ୍ବାର ଆସୁଥିଲା । ଏହି ଅଭିଯୋଗ ଭିତ୍ତିରେ ରାଜ୍ୟ ପ୍ରବର୍ତନ ସଂସ୍ଥା ବିଭିନ୍ନ ରାଇସ ବ୍ରାନ ତେଲ ଉତ୍ପାଦନକାରୀ କମ୍ପାନୀମାନଙ୍କ ବ୍ୟବସାୟ ଉପରେ ତୀକ୍ଷଣ ନଜର ରଖିଆସୁଥିଲା । ବିଭାଗ ପାଖରେ ଥିବା ବିଭିନ୍ନ ତଥ୍ୟ କୁ ପରୀକ୍ଷା କରି, ପ୍ରାଥମିକ ଅନୁସନ୍ଧାନର ଫଳାଫଳ ଆଧାରରେ, ରାଜ୍ୟ ସିଟି ଏବଂ ଜିଏସଟି ଏନଫୋର୍ସମେଣ୍ଟ ଶାଖା ତରଫରୁ ସମ୍ବଲପୁର, ବରଗଡ ଏବଂ କାଳାହାଣ୍ଡି ଜିଲ୍ଲାରେ ଅବସ୍ଥିତ ସାତୋଟି ରାଇସ ବ୍ରାନ ତେଲ ଉତ୍ପାଦନକାରୀ ସଂସ୍ଥାମାନଙ୍କୁ ଚିହ୍ନଟ କରି ସେମାନଙ୍କ ଉତ୍ପାଦନ ୟୁନିଟ୍, ବ୍ୟବସାୟ ସ୍ଥାନ ଏବଂ ଗୋଡାଉନ୍ ଉପରେ ଆଜି ତାରିଖ – ୧୮/୦୫/୨୦୨୨ ରେ ଏକକାଳୀନ ଚଢାଉ କରିଥିଲା। ଏହି ଚଢାଉରେ ଷ୍ଟେଟ ସିଟି ଏବଂ ଜିଏସଟି ଏନଫୋର୍ସମେଣ୍ଟ ଶାଖାର 30 ଜଣ ଅଧିକାରୀଙ୍କୁ ନେଇ ଗଠିତ ସାତୋଟି ଦଳ ନିୟୋଜିତ ଅଛନ୍ତି।

ଯାଞ୍ଚ ସମୟରେ ଅନୁସନ୍ଧାନକାରୀ ଦଳ କ୍ରୟ ଏବଂ ବିକ୍ରୟ ବିବରଣୀ, ଉତ୍ପାଦନ ଆକାଉଣ୍ଟ୍ ଏବଂ କମ୍ପ୍ୟୁଟର, ଲାପଟପ୍ ଇତ୍ୟାଦିରେ ଉପଲବ୍ଧ ସୂଚନା ଯାଞ୍ଚ କରୁଛନ୍ତି । ଯାଞ୍ଚ ଅଧିକାରୀ ସେମାନଙ୍କର ବ୍ୟବସାୟ ପରିସରରେ ଉପଲବ୍ଧ କଞ୍ଚାମାଲ ତଥା ରାଇସ ବ୍ରାନ ଏବଂ ଉତ୍ପାଦିତ ଦ୍ରବ୍ୟ ତଥା ତେଲ ର ସବିଶେଷ ବିବରଣୀ ଆକାଉଣ୍ଟ୍ ବୁକ୍ ସହିତ କ୍ରସ୍ ଯାଞ୍ଚ ପାଇଁ ରେକର୍ଡ କରୁଛନ୍ତି ।

ଚଢାଉ ସମୟରେ ଉପଲବ୍ଧ କମ୍ପ୍ୟୁଟର, ଲାପଟପ୍ ଏବଂ ଅନ୍ୟାନ୍ୟ ଦଲିଲଗୁଡ଼ିକୁ ଅଧିକ ଅନୁସନ୍ଧାନ ପାଇଁ ଜବତ କରାଯାଇଛି । ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ ଏହି ଟିକସଦାତାମାନେ ବିପୁଳ ପରିମାଣର କାରବାର ସତ୍ତ୍ୱେ ବହୁତ କମ ଟିକସ ପଇଠ କରୁଛନ୍ତି । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ନିୟମ ଅନୁସାରେ ଥିବା କରମୁକ୍ତ ଜିନିଷ ଉପରେ ସମାନୁପାତିକ ଆଇଟିସି (ଇନପୁଟ ଟ୍ୟାକ୍ସ କ୍ରେଡିଟ) ବ୍ୟବହାର ନ କରି, ଅଧିକ ପରିମାଣରେ ଇନପୁଟ ଟ୍ୟାକ୍ସ କ୍ରେଡିଟ ଦେଖାଇ ଦେୟ ଟିକସ ପରିମାଣକୁ ହ୍ରାସ କରୁଛନ୍ତି । ଏହା ଦ୍ୱାରା ସରକାରଙ୍କ ବିପୁଳ ରାଜସ୍ୱ କ୍ଷତି ଘଟୁଛି । ଏହି ଯାଞ୍ଚର ଫଳାଫଳ ସମ୍ବନ୍ଧୀୟ ସବିଶେଷ ତଥ୍ୟ ଅନୁସନ୍ଧାନ ଶେଷ ହେବା ପରେ ଜଣାପଡିବ । ତେଣୁ ବିଭାଗ ତରଫରୁ ଯଥାଶୀଘ୍ର ତଦନ୍ତ ଶେଷ କରିବାକୁ ଅନୁସନ୍ଧାନକାରୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।